# ପିଲାଙ୍କ କଥା (ମୁଣ୍ଡା)

## ତୃତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପିଲା ଓ**
**ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ମୁଣ୍ଡା ସଂସାଧକ ମଣ୍ଡଳୀ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Munda Resource Group**

Co- ordinator :
**Dr. Paramananda Patel**



Published by :
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସଂପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକର ଅନେକ ଉପଭାଷା/ବୋଲି ତିଆରି କରି ଦେଇଛି ତେଣୁ ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ବିଚିତ୍ର ସ୍ଥିତି ଆମକୁ ଅଡୁଆ କରିଥାଏ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀର ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥାର ଭାଷା ସହ ଜଡ଼ିତ ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ । ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।


ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ । ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକ ମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପ୍ରର୍ଯ୍ୟାୟ କ୍ରମେ ତାଲିମ୍ ଦେଇଆସୁଛି । ଦ୍ୱିତୀୟତଃ ପ୍ରଥମ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବାପାଇଁ ତାଙ୍କ ଭାଷା ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ-ଗୀତ-ପହଳିର ଅତିରିକ୍ତ ପୁସ୍ତିକା । ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦେବ ତା ନୁହେଁ ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ସଂକ୍ରମିତ କରୁଛି ତା ଉପରେ ଧାରଣା ପାଇବେ ।

**ଅଖିଳ ବିହାରୀ ଓତା**



# ଡୁଉର୍ ହନ୍‌କିନ୍
# ଗୁନରି ଛୁଆ





ଏସୁ ଦିନରେୟାଃ କାଜି । ବାରିଏ ଡୁଉର୍ ହନ୍‌କିନ୍ ତାଇ କେନା । ଏଙ୍ଗା ଆପୁକିନ୍ ଜାଅଗେ ଚାରାକିନ୍ ନାମ୍ ଆଗୁୟେ । ଏନା ଜମ୍ କେଏତେ ଆୱାରେକିନ୍ ଇନୁଙ୍ଗେ । ମୁସିଂ ମିଏଡ୍ ତୁୟୁ ହନର ହନର ତେଏ କୁଜୁଉ ଲେନାଃ । ଡୁଉର୍ ଏଙ୍ଗାଆପୁ କିନେଏ ଗଏଃ କେଡ୍ କିନେ । ଡୁଉର୍ ହନକିନ୍ ବରତେ ଜୁମ୍ବେଏରେକିନ୍ ଉକୁଜାନା । ତୁୟୁ କାଏଃ ନାମ୍ କେଡ୍ କିନେ । ତୁୟୁ ସେନଅଜାନା । ଡୁଉର୍ ହନକିନ୍ ରାଆଃରେଗେକିନ୍ ତାଇଜାନା । ରାଆଃ ରେଗେକିନ୍ ତାଇଜାନା । ରାଆଃ ଆୟୁମ୍‌ତେ ମିଏଡ୍ ସିମ୍‌ଏଙ୍ଗା ହୁଜୁଉଲେନାଃ । କୁଲିକେଡ୍ କିନେଏ- "ଏ ଡୁଉର୍ ହନ୍‌କିନ୍ ରାଆଃରାଆଃତେ ଅକନାବିନ୍ ସେନଅତାନାଃ ?

ବହୁ ଦିନର ତଳର କଥା । ଦୁଇଟି ଗୁନରି ଛୁଆ ଥିଲେ । ସବୁ ଦିନ ଚରା ଆଣିବା ପାଇଁ ବାପା ମାଆ ଚାଲିଯାଆନ୍ତି । ଚରା ଖାଇ ପକ୍ଷୀ ଶାବକ ଦୁଇଟି ଖୁସିରେ ଘରେ ଖେଳନ୍ତି । ଦିନେ ଗୋଟିଏ ବିଲୁଆ ବୁଲି ବୁଲି ଆସିଲା । ତାଙ୍କ ବାପା ମାଆଙ୍କୁ ଧରି ଖାଇଦେଲା । ଗୁନରି ଛୁଆ ଦୁଇଟି ଭୟରେ ପାଖ ବୁଦା ଭିତରେ ଲୁଚିଗଲେ । କିଛି ସମୟ ପରେ ବିଲୁଆ ଚାଲିଗଲା । ଗୁନରି ଛୁଆ କାନ୍ଦିବାକୁ ଲାଗିଲେ । ତାଙ୍କ କାନ୍ଦ ଶୁଣି ଗୋଟିଏ ବଣ କୁକୁଡା ଆସିଲା । ସେ ତାଙ୍କୁ ପଚାରିଲା - ଏ ଗୁନ୍‌ରି ଛୁଆ, ତମେ ଦୁଇଜଣ କାହିଁକି କାନ୍ଦିବାରେ ଲାଗିଛ ?

ଡୁଉର୍ ହନ୍‌କିନ୍ କାଜିକେଡା ଆଲିଙ୍ଗେଏ ଏଙ୍ଗାଆପୁକିନ୍ ତୁୟୁ ଜମ୍ କେଡ୍ କିନେ ଆଏ ତାଆଲିଂ ସେନଅତାନା । ସିମ୍‌ଏଙ୍ଗା କାଜିକେଡା- ଦଲା ଆଞ୍ଜଅଃ ଆବେନ-ଲଅତେଙ୍କ୍ ସେନୁଆଁ । ଡୁଉର ହନକିନ୍ ଅଣ୍ଡଅଗେ ରାଆଃ ରାଆଃ ତେକିନ୍ ସେଲଅଜାନା । ହରାରେ ମିଏଡ୍ ମାର୍‌ମାର୍‌କିନ୍ ନାମ୍ କିଏଃ । କୁଲିକେଡ୍ କି ନେଏ- ଏ ଡୁଉର୍ ହନ୍‌କିନ୍ କାଜିକେଡା- ଆଲିଙ୍ଗେଏ ଏଙ୍ଗାଆପୁକିନ୍ ତୁୟୁ ଜମ୍ କେଡ୍ କିନେ ।

ଆଉ କୁଆଡେ ଯାଉଛ ? ଗୁନ୍‌ରି ଛୁଆ କହିଲେ - ଆମର ମାଆ ବାପାଙ୍କୁ ବିଲୁଆ ଖାଇଗଲା । ଆମେ ତାରି ପାଖକୁ ଯାଉଛୁ ।


କୁକୁଡା ଛୁଆ କହିଲା – ଚାଲ ମୁଁ ତମ ସାଥୀରେ ଯିବି । ଗୁନ୍‌ରୀ ଛୁଆ ଦୁଇଟି ପୁଣି କାନ୍ଦିକାନ୍ଦି ଚାଲିବାକୁ ଲାଗିଲେ । ବାଟରେ ସେମାନେ ଗୋଟିଏ ବିଛାକୁ ପାଇଲେ । ସେ ପଚାରିଲା- ଏ ଗୁନ୍‌ରୀ ଛୁଆ ତମେ ଦୁଇଟି କାନ୍ଦି କାନ୍ଦି କୁଆଡେ ଯାଉଛ ? ସେମାନେ ଉତ୍ତର ଦେଲେ -ଆମର ବାପା ମାଆ ଙ୍କୁ ବିଲୁଆ ଖାଇଗଲା । ଆମେ ତାରି ପାଖକୁ ଯାଉଛୁ ।



ଆଏଃତାଆଲିଂ ସେନଅତାନା । ଡୁଉର ହନ୍‌କିନ୍ ଅଣ୍ଡଅଗେ ରାଆଃ ରାଆଃ ତେକିନ୍ ସେନଅଜାନା । ହରାରେ ମିଏଡ୍ ବିଙ୍ଗକିନ୍ ନାମ୍ କିଏଃ ଆଏୟିଅଃ କୁଲିକେଡ୍ କିନେ । ଆକିନେଏ ଦୁକୁ ଆୟୁମ୍‌ତେ ବିଙ୍ଗ୍‌ଆକିନ୍ ଲଅତେଏ ସେନଅଜାନା ।

ବିଛା କହିଲା – ଚାଲ ମୁଁ ତମେ ସାଥୀରେ ଯିବି । ଗୁନ୍‌ରୀ ଛୁଆ ଦୁଇଟି ପୁଣି କାନ୍ଦିକାନ୍ଦି ଚାଲିବାକୁ ଲାଗିଲେ ବାଟରେ ସେମାନେ ଗୋଟିଏ ସାପକୁ ପାଇଲେ । ସେ ପଚାରିଲା- ଏବଂ ତାଙ୍କର ଦୁଃଖ ଶୁଣି ସେ ମଧ୍ୟ ତାଙ୍କ ସାଥୀରେ ଯିବାକୁ ବାହାରିଲା ।









ଡୁଉର ହନକିନ୍ ଅଣ୍ଡଅଗେ ରାଆଃ ରାଆଃ ତେକିନ୍ ସେନଅଜାନା । ହରାରେ ମିଏଡ୍ ହାକେକିନ୍ ନାମ୍କେଡା । ଆଏଃୟ ଆକିନ୍ ଲଅତେଏ ସେନଅଜାନା । ଜକା ସାନିଙ୍ଗ ରେଗେ ମିଏତ୍ ବୁରୁତାଇ କେନା ।

ବୁରୁ ଲାପାଙ୍ଗାରେ ତୁୟୁବାସା ଲେଡାଃ । ସିମ୍ ହାପାତେ ସେନଅଜାନ୍ତେ ହରାରେଏ ଆଣ୍ଡାତାଡା ଚୁଲେ ଜାପାଆରେଏଃ ଇଇଃତାଡା । ମାର୍ମାର୍ ଚୁଲେରେଏଃ ଉକୁଜାନା । ବିଙ୍ଗ ଉଣ୍ଡୁରେଏ ବଲଜାନା । ହାକେ ଚିତାନ ରେଏ ହର୍ସଡ୍ ଜାନା ।

ପୁଣି ସେମାନେ କାନ୍ଦିକାନ୍ଦି ଚାଲିବାକୁ ଲାଗିଲେ । ବାଟରେ ସେମାନେ ଗୋଟିଏ କୁରାଢ଼ୀ କୁ ପାଇଲେ । କୁରଢ଼ୀ ସେମାନଙ୍କୁ ପଚାରିଲା ଏବଂ ସେମାନଙ୍କ ଦୁଃଖ ଶୁଣି ସେ ମଧ୍ୟ ସଙ୍ଗରେ ଯିବାକୁ ବାହାରିଲା । ସମସ୍ତେ ଚାଲିଛନ୍ତି ।

କିଛି ଦୂରରେ ଗୋଟିଏ ପାହାଡ ଖୋଲ ଥାଏ । ସେଇଠି ବିଲୁଆ ରହେ । ମାଇ କୁକୁଡା ଚୁପ ଚୁପ ଯାଇ ଖୋଲ ଭିତରେ ଅଣ୍ଡା ଦେଇ ଦେଲା । ଚୁଲି ପାଖରେ ଝାଡା ଫେରିଲା । ବିଛାଟି ଯାଇ ଚୁଲି ଭିତରେ ଲୁଚି ରହିଲା , ସାପଟି ଗାତରେ ଲୁଚିଲା । ଟାଙ୍ଗିଆଟି ଉପରେ ଲଟକି (ଟାଙ୍ଗି) ରହିଲା ।



ଡୁଉର୍ ହନ୍‌କିନ୍ ରାଆଃ ଆୟୁମତେ ତୁୟୁ ଅଣ୍ଡଙ୍ଗଜାନା ସିମ୍ ଆଣ୍ଡାଏ ନାମ୍ କେଡାଃ । ତୁୟୁ କାଜିକେଡା-ସିମ୍ ଆଣ୍ଡା ସିଦେରେଞ୍ଜ ଇସିନ୍ ଲେଏୟା, ଏନାଏତେ ଡୁଉର ହନ୍‌କିନେଞ୍ଜ ଜମ୍‌କିନେ । ଚୁଲେରେ ସେଙ୍ଗେଲେଏ ତିଙ୍ଗେ ଇମିତେ ମାର୍ ମାର୍ ତୁଉଃ କିଏଃ । ତୁୟୁ ହାୟା ହାୟା ମେନ୍‌ତେଏ ନିର୍ ତାନା । ସିମ୍ ଇଇଃ ରେଏଃ ଜିଲେଡ୍ ଜାନା । ଇମିତେ ବିଙ୍ଗ୍ ସଦାକିଏଃ । ହାକେ ଚିତାନାଏତେ ନୁର୍‌ଜାନା । ଆୟାଆହଟଅ ରେଗେଏ ମାଆଁଃ ଜାନା । ତୁୟୁ ପାଦା ପାଦାତେଏ ଗଏଃଜାନା ସାବିନ୍ ରାଁଆଁସତେକ ରୁଓ୍ୱେ ଲେନା ।

ବିଲୁଆଟି ଗୁନରି ଛୁଆଙ୍କର କାନ୍ଦ ଶୁଣି ବାହାରିଲା ଅଣ୍ଡାକୁ ଦେଖି ଭାବିଲା, ପ୍ରଥମେ ଅଣ୍ଡାକୁ ଭାଜି ଖାଇବି ତାପରେ ଗୁନ୍‌ରି ଛୁଆଙ୍କୁ ଖାଇବି । ଅଣ୍ଡା ଧରି ଚୁଲି ପାଖକୁ ଆସିଲା । ଚୁଲିରେ ହାତ ଦେବା କ୍ଷଣି ବିଛାଟି କାମୁଡି ଦେଲା । ମରିଗଲି, ମରିଗଲି କହି ଦୌଡିବା ବେଳେ ଗୋଡଟି କୁକୁଡା ଲଣ୍ଡି ଉପରେ ପଡିଲା । ସେଇଠି ଖସି ପଡିଲା । ସାପଟି ଗାତରୁ ବାହାରି ଆସି ଚୋଟ ଦେଲା । ବିଲୁଆ ସେଇଠି ପଡିଥାଏ । ଉପରୁ କୁରାଢୀଟି ତଳକୁ ଖସି ତା ବେକରେ ବାଜିଲା । ବେକଟି ଛିଣ୍ଡିଗଲା । ବିଲୁଆଟି ଗୋଡ ଛାଟି ଛାଟି ମରିଗଲା । ଗୁନରିଛୁଆ ସଭିଙ୍କୁ ନେଇ ଖୁସିରେ ଆସିଲେ ।



# ଲୁକୁବୁଲେ ନାଇଲ୍‌ବାଇ
# ଲୁକୁବୁଢାର ଲଙଲ ତିଆରି



ସିଦେମୁନୁରେୟାଃ କାଜି । ସିଙ୍ଗିବଙ୍ଗା ଲୁକୁଅଣ୍ଡଅ ଲୁକୁମୀ ବାଇକେଡ୍‌କିନେ । ବୁରୁରେୟାଃ ଦାରୁ ଜ’କ ଜମ୍‌ତେକିନ୍ ଜିଇଡ୍ ଲେନାଃ । ଏସୁଦିନ୍ ତାୟମ୍ ଚିମିତେ ଦାରୁରେ ଜ’କ ଚାବାଜାନା । ସିଙ୍ଗିବଙ୍ଗା ତାଆଃରେକିନ୍ ଗୁହାରୀ କେଡାଃ ହେ ସଙ୍ଗିବେଙ୍ଗା ଦାରୁରେୟାଃ ଜ’କଦଃ ଚାବାଜାନ୍ ଗେୟାଃ ନାଆଦଃ ଆଲିଂ ଚିନାଆ ଜମ୍‌କା ତେଲିଙ୍ଗ୍ ଜିଇଡିନା । ସିଙ୍ଗିବଙ୍ଗା କାଜିକେଡା- ଆବେନ ମିଏଡ୍ ନାଇଲ୍ ବାଇ କାତେ ସିୟୁଉ ପାଇଟି କାତେ ଆସୁଲେନ୍ ବେନ୍ । ଲୁକୁ ଗାପାତେର୍ ନାଇଲ୍ ବାଇଲାଗିଡ୍ ହାକେ, ହାସିକ ସାବକାତେ ବୁରୁ ସେନଅ ଜାନା ।

ଆଦିମ ଯୁଗର କଥା । ସୃଷ୍ଟି କର୍ତ୍ତା ଭଗବାନ୍ ଲୁକୁ ଏବଂ ଲୁକୁମୀକୁ ସୃଷ୍ଟିକରିଥିଲେ । ଜଙ୍ଗଲର ଫଳମୂଳ ଖାଇ ବଞ୍ଚିଥିଲେ । ବହୁ ବର୍ଷପରେ ଯେତେବେଳେ ଗଛରେ ଫଳ ସରିବାକୁ ଲାଗିଲା । ସେମାନେ ଭାବିବାକୁ ଲାଗିଲେ ବର୍ତ୍ତମାନ ଆମେ କିପରି ବଞ୍ଚିବା । ତେଣୁ ଭଗବାନଙ୍କୁ ପ୍ରାର୍ଥନା କଲେ ହେ ଜଗତର ସୃଷ୍ଟିକର୍ତ୍ତା ଭଗବାନ ଜଙ୍ଗଲର ସମସ୍ତ ଫଳକୁ ଆମେ ଖାଇ ସାରିଦେଲୁ । ଏବେ ଆମେ ବଞ୍ଚିବୁ କେମିତି । ଭଗବାନ କହିଲେ - ତମେ ବର୍ତ୍ତମାନ ଗୋଟିଏ ଲଙ୍ଗଳ ତିଆରି କର । ହଳ କରି ଜୀବନ ବଞ୍ଚାଅ ।




ଆଇ ସିଙ୍ଗି ଆଇ ନିଦେବୁରୁରେଗେଏ ତାଇଜାନା । ଅଆଃଗେ କାଏଃ ରୁଓ୍ୱେ ଲେନାଃ । ଏରାତାନିଇ ଏସୁଉ ଉଲୁଃଉଜାନା । ଏନାମେନ୍ତେ ଲୁକୁମୀ ବୁର୍ଲି ସିକିଙ୍ଗ୍ କେଏଃ କୁଲ୍‌କିଏଃ ସିକିଙ୍ଗ୍ ଲୁତୁର ଜାପାଆରେଏଃ ମଣ ମଣ କିଏଃ, କାଏଃ ପାଇଟି ଇଚି କିଏଃ ଲୁକୁବୁଲେ କୁର୍ କୁର୍ ଜାନ୍ତେ ସାରଲାଆତେ ସେଙ୍ଗେଲେଏ ଡିଙ୍ଗ୍ କେଡାଃ । ସିକିଙ୍ଗ୍ ନିର୍‌ଜାନା ।

ଲୁକୁ ପରବର୍ତ୍ତୀ ଦିନ ଲଙ୍ଗଳ ତିଆରି କରିବାକୁ ବାହାରିଲା । ହାତରେ କୁରାଢୀ ଏବଂ ବାରିଶି । ସାତ ଦିନ ସାତ ରାତି ଜଙ୍ଗଲରୁ ଫେରିଲା ନାହିଁ । ସ୍ତ୍ରୀ ମନରେ ଅନେକ ଚିନ୍ତା ସେଥିପାଇଁ ଗୋଟିଏ ମଶାକୁ ପଠାଇଲା । ମଶା ଯାଇ ଲୁକୁବୁଢା କାନପାଖରେ ଗୁଣୁଗୁଣୁ କଲା । ଲୁକୁବୁଢା ରାଗିଯାଇ କାଠ ଫାଳିଆରେ ନିଆଁ ଧରାଇଦେଲା । ମଶା ଉପାୟ ଶୂନ୍ୟ ହୋଇ ଉଡିପଳାଇଲା ।



ଏନ୍ ତାୟମ୍ ଲୁକୁମୀ ବୁଲି ମିଏଡ୍ ସାଣ୍ଡି ସିମେଏ କୁଲ୍‌କିଏଃ। ସାଣ୍ଡିସିମ୍ ଜାପାଆରେ ଜୋର୍‌ତେଏ କକରିଙ୍‌କେଡାଃ। ଲୁକୁବୁଲେ କୁର୍‌କୁର୍‌ତେ ମିଏଡ୍ ସାର୍‌ଲାଆ ସାବ୍‌କାତେ ସିମ୍ ପାଆ ହୁର୍‌ଲେ ତାଡା। ୟୁ ନେନ୍ ସିମକେ ହାର୍ ଏଣ୍ଡାଆଇମେ। ସାଙ୍ଗେ ସାଙ୍ଗେ ମିଏଡ୍ ତୁୟୁ ବାଇଜାନ୍ତେ ସିମ୍‌କେଏ ହାର ଏଣ୍ଡାଆ କିଏଃ। ଲୁକୁବୁଲେ ଅଣ୍ଡଅଗେ ନାଇଲ୍ ବାଇରେଗେଏ ଆଚୁଜାନା। ଏନ୍‌ତାୟମ୍ ଲୁକୁମୀବୁଲି ମିଏଡ୍ ମେରମେଏ କୁଲ୍‌ତାଡିଏ।



ତା ପରେ ଲୁକୁମୀ ବୁଢୀ ଗଞ୍ଜା କୁକୁଡାକୁ ପଠେଇଲା। କୁକୁଡା ଗଞ୍ଜାଟି ତା ପାଖରେ ଡାକିବାରୁ ସେ ବିରକ୍ତ ହେଲା। ଲୁକୁବୁଢା ଗୋଟିଏ ଛୋଟ କାଠ ଫାଲିଆ ଧରି କୁକୁଡା ଆଡକୁ ଫିଙ୍ଗିଲା କହିଲା- ଯା’ ତୁ କୁକୁଡାକୁ ଘୋଉଡେଇବୁ। ସଙ୍ଗେ ସଙ୍ଗେ କାଠଫାଲିଆଟି ଗୋଟିଏ ବିଲୁଆର ରୂପ ନେଲା ବିଲୁଆଟି ତାକୁ ଧରିବାକୁ ଚେଷ୍ଟା କରିବାରୁ କୁକୁଡାଟି ଉଡିପଲାଇଲା ତାପରେ ଲୁକୁବୁଢ଼ୀ ଗୋଟିଏ ଛେଳିକୁ ପଠାଇଲା।

ମେରମ୍ ଜୋରତେ ଜାପାଆରେଏଃ ରାଆଃ କେଡା । ଲୁକୁବୁଲେ କୁର୍‌କୁରତେ ମିଏଡ୍ ସାରଲାଆ ସାବ୍ କାତେ ମେରମ ପାଆଃଏ ହୁରଲେ ତାଡା - ୟୁଃ ସାରଲାଆ ନେନ୍ ମରମ୍ କେ ହାର ଏଣ୍ଡାଆଇମେ । ସାଙ୍ଗେ ସାଙ୍ଗେ ମିଏଡ୍ ହାଲୁଗା ବାୟେକାନ୍ତେ ମେରମକେଏ ହାର୍ ଏଣ୍ଡାଆ କିଏଃ । ଲୁକୁବୁଲେ ଅଣ୍ଡାଅଗେ ନାଇଲ୍ ବାଇରେଗେଏ ତାଇଜାନା । ନାଆଦଃ ଲୁକୁମୀ ବୁଳି ମିଏଡ୍ କୁଲେ କୁଲ୍ କିଡିଏଃ । ମାରାଙ୍ଗ ଲେକାନ୍ କୁଲେ ଲୁକୁବୁଲେ ସାମନା ରେଏ ଗାରଜାଅ କେଡା । ଲୁକୁବୁଲେ କୁର୍ କୁରତେ ସାର୍‌ଲାଆ ସାବ୍‌କାତେ କୁଲେଡାଆ ହୁର୍ ଲେତାଡା ୟୁଃ ସାରଲାଆ ନେନ୍ କୁଲେ ହାର୍ ଏଣ୍ଡାଆ ତାଇମେ । ସାଙ୍ଗେ ସାଙ୍ଗେ ସାରଲାଆଃ ମିଏଡ୍ ତାନି ବାଇଜାନା । କୁଲେ କେଏ ହାର ଏଣ୍ଡାଆ କିଏଃ ।

ଛେଳିଟି ଲୁକୁବୁଢା ପାଖକୁ ଯାଇ କାନ୍ଦିବାକୁ ଲାଗିଲା । ଲୁକୁ ବୁଢା ବିରକ୍ତ ହେଲା । ସେ ଗୋଟିଏ କାଠ ଫାଳିକାକୁ ଧରି ଛେଳିଆଡକୁ ଫିଙ୍ଗିଲା । କହିଲା - ଯା'ତୁ ଛେଳିକୁ ଘଉଡେଇ ଦେବୁ । ସଙ୍ଗେସଙ୍ଗେ ତାହା ଗୋଟିଏ ଶିଆଳ ରୂପନେଲା । ଶିଆଳଟି ଛେଳି ପାଖକୁ ଦୌଡିଯିବାରୁ ଛେଳିଟି ଦୌଡି ପଳାଇଲା ।

କିଛି ସମୟ ପରେ ଲୁକୁମୀ ବୁଢୀ ଗୋଟିଏ ବାଘକୁ ପଠେଇଲା । ବାଘଟି ଯାଇ ଲୁକୁବୁଢା ପାଖରେ ଗର୍ଜନ କରିବାକୁ ଲାଗିଲା । ଲୁକୁବୁଢା ବିରକ୍ତି ହୋଇ କାଠଫାଳିଆ ବାଘ ଆଡକୁ ଫୋପାଡିଲା । ସଙ୍ଗେ ସଙ୍ଗେ ତାହା ଗୋଟିଏ ବଣୁଆ କୁକୁର ରୂପନେଲା । ତା ପାଖକୁ ବଣୁଆ କୁକୁର ଯିବାରୁ ବାଘଟି ପ୍ରାଣ ଭୟରେ ଦୌଡି ପଳାଇଲା ।



ଠିକ୍ ଆୟୁବସିଙ୍ଗି ନାଇଲବାଇ ସେକାଃ କେଡ୍‌ତେ ଅଓ୍ୱାତେଏ ଆଗୁଲେଡା । ଲୁକୁମୀବୁଲି ଏସୁଇ ରାଆସାଜାନା । ଇମିନ୍ ବୁଗିନ୍ ନାଇଲ । ଲୁକୁମୀବୁଲି ସାବ୍‌କେଡାଃ । ମେନଦଃ ଜକା ଗାଆଲି ତାୟମଖେ ନାଇଲ୍‌ଦଃ ଚାଟାଆଜାନ୍ତେ ରାପୁଡ୍‌ଜାନା । ଲୁକୁବୁଲେ ନାଇଲରାପୁଡ୍‌ଜାନ୍ତେ ଏସୁପୁରେଏ ଦୁକୁଜାନା । ନଦେହବାଜାନା । ଗାଟା ନିଦେକୁଲେ ରାଆଃ କେଡା । ଗିତିଏ କାନ୍ତେ ଲୁକୁବୁଲେ କୁମୁନାମ୍ କେଡାଃ- ନାଇଲଦଃ କଓ୍ୱା ହନ୍‌କଆଃ । କୁଇହନ୍ କଦକାକ ସାବେୟାଃ । କୁଇହନ୍‌କ ସାବେରେଦଃ ରାପୁଡୁଆ । ଏନାମେନ୍ତେ ନାଇଲ ବାଇକାତେ ଅଆରେ କାକ ଆଦେରେୟାଃ ଗୁରିଇରେକ ତପାୟାଃ । ଅଣ୍ଡଅ ଏରାକ କାକ ସାବ୍‌ଇଚିକଆଃ ।

ଠିକ୍ ସଞ୍ଜବେଳକ ଲୁକୁବୁଢା ଲଙ୍ଗଳ ଧରି ଘରକୁ ଆସିଲା । ଘରେ ଲୁକୁବୁଢାକୁ ଦେଖି ଲୁକୁମୀ ବୁଢୀ ଖୁବ୍ ଖୁସି ହେଲା । ଅତିସୁନ୍ଦର ଲଙ୍ଗଳ କହି ଲୁକୁମୀ ବୁଢୀ ଲଙ୍ଗଳକୁ ଧରିବାକୁ ଲାଗିଲା । କିନ୍ତୁ କ'ଣ ହେଲା କିଛି ସମୟପରେ ଲଙ୍ଗଳଟି ଫାଟିବାକୁ ଲାଗିଲା । ଖଣ୍ଡ ଖଣ୍ଡ ହୋଇଗଲା । ଲୁକୁବୁଢାର ଲଙ୍ଗଳ ଭାଙ୍ଗିବାରୁ ମନରେ ଭାରିକଷ୍ଟ ହେଲା । ରାତିହେଲା । ରାତିସାରା ବାଘଟିଏ ଘର ପାଖରେ ଗର୍ଜନ କଲା । ଲୁକୁବୁଢା ସ୍ୱପ୍ନରେ ଦେଖିଲା - ଲଙ୍ଗଳ ପୁରୁଷ ଲୋକଙ୍କ ପାଇଁ ତିଆରି ଯଦି ସ୍ତ୍ରୀ ଲୋକ ଛୁଇବେ ତାହା ଭାଙ୍ଗିଯିବ ତେଣୁ ଲଙ୍ଗଳ ତିଆରି ହେଲେ ଘର ଭିତରକୁ ନେବା ମନା । ସ୍ତ୍ରୀ ଲୋକଙ୍କୁ ଛୁଇଁବାକୁ ମନା କରାଯାଏ ।





# କୁଇଡ୍ ହନ୍
# ଶାଗୁଣାର ପୁତ



ଜକା ଗାଆଲି ତାୟମ୍ ଏରାକଓ୍ୱାକିନ୍ ହୁଜୁଉଲେନା । ମେନଦଃ ହନ୍ କାକିନ୍ ନାମ୍ କିଏଃ । ରାଆଃରାଆଃ ତେିନ୍ ରୁଓ୍ୱେ ଜାନା । ମିସେ ମିଏଡ୍ ଏରତାନିଇ ରେଲ୍ଜ' ହାଲାଙ୍ଗେଏ ସେନ୍ଲେନା । ଏନ୍ତାଆରେ ଆୟାଆ ମିଏଡ୍ ହନ୍ ହବାଜାନା । ହନେଏ ସାବିଇ ରେଦଃ ରେଲ୍ଜ' କାଏଃ ସାବ୍ ଏତୟା ଅଣ୍ଡଅ ରେଲ୍ଜ' ସାବେରଦଃ ହନ୍କାଏଃ ସାବ୍ ଏତୟେଃ । ଏନାମେନ୍ତେ ହନ୍କେଦଃ ରେଲ୍ବୁଟେ ରେଗେଏ ବାଗେ ତୁଉଡିଏ । ରେଲ୍ଜ ସାବ୍ ଲେଏତେ ଅଆଃତେଏ ରୁଓ୍ୱେଲେନା ।


ଦାରୁ ସୁବାରେ ମିଏଡ୍ ବାଲେଏଃ ହନାଆ ରାଆଃ ଆୟୁମତେ, ମିଏଡ୍ ଦିଦି ଆଁଗୁଜାନା । ନେଲିଇ ତାନାଏ ଗଟା ହମଅକ ମୁଇଁ ଚାବା ତାଡିଏଃ । ଦିଦି ସାପା ବିଇତେ ଆୟାଆ ବାସା ରେଲ୍ଦାରୁ ନିତାନ୍ ତେଏ ଇଉ୍କିଏଃ ।

ଗୋଟିଏ ସ୍ତ୍ରୀ ଲୋକଟି ଦିନେ, ପାଚିଲା ତାଳଫଳ ଆଣିବାକୁ ଗଲା । ତାଳ ଗଛ ମୂଳରେ ଗୋଟିଏ ପୁତ୍ର ସନ୍ତାନ ଜନ୍ମହେଲା । ସ୍ତ୍ରୀ ଲୋକଟିକୁ ଏକାସଙ୍ଗରେ ତାଳଫଳ ଓ କଅଁଳା ଶିଶୁକୁ ଧରିନେବାକୁ ଅସୁବିଧା ହେଲା । ତେଣୁ ସେ କଅଁଳା ଶିଶୁକୁ ଛାଡିଦେଇ ତାଳ ଫଳ ଧରି ଚାଲିଗଲା । କଅଁଳା ଶିଶୁଟିର କ୍ରନ୍ଦନ ଶୁଣି ତାଳ ଗଛ ଉପରେ ବସାକରିଥିବା ଶାଗୁଣା ତଳକୁ ଆସି ଦେଖିଲା - ଏକ ସଦ୍ୟଜାତ ଶିଶୁଟିଏ କାନ୍ଦିବାକୁ ଲାଗିଛି । ଦେହସାରା ପିମ୍ପୁଡ଼ି ଲାଗିଛନ୍ତି । ପିଲାଟିକୁ ସଫାକରି ତାଳଗଛ ଉପରେ ଥିବା ନିଜର ବସାକୁ ନେଇଗଲା । କିଛି ସମୟପରେ ପିଲାଟିର ମାଆବାପା ଆସିଲେ । ପିଲାକୁ ନ ପାଇ କାନ୍ଦି କାନ୍ଦି ଫେରିଗଲେ ।



ହନ୍ ଚିମିନ୍ ଦିନ୍‌ରେ ଜକାଏ ମାରାଙ୍ଗ ଜାନା। ଜାଅ ଦିନ କଅଁଏଁତେଏ ସେନଆ। ଦାରୁ ବୁଟେରେ କିନ୍ ମାଣ୍ଡିୟେ, ଜମ୍ କାତେ ରେଲଦାରୁ ଟିତାନ୍ ରେକିନ ଗିତିଏ ଦିଦି କାଜି ଲିଡିଏଃ ଦକ୍ଷିନ୍ କୁଟିଏତେ ଆଲମ୍ ସେନଆମେନ୍ତେ। ମେନଦଃ ଏନ୍ ମୁସିଙ୍ଗ ଦକ୍ଷିଣ୍ କୁଟିଗେ କଅଁଏଁ ତେଏ ସେନଅଜାନା। ଦୁରେଙ୍ଗ ତାନ୍‌ରେ ଏଙ୍ଗାତେ ଉରୁମ କିଇୟେ।

କିଛି ଦିନପରେ ପିଲାଟି କ୍ରମେ ବଡ ହେବାକୁ ଲାଗିଲା। ଗଛରୁ ଓହ୍ଲାଇ ଭିକ ମାଗିବାକୁ ଯାଏ। ଗଛତଳେ ରୋଷେଇ କରନ୍ତି। ଖାଇପିଇ ଗଛ ଉପରକୁ ଚଢି ଶୁଅନ୍ତି। ଶାଗୁଣା ପିଲାକୁ କହିଥାଏ- ଦକ୍ଷିଣ ଦିଗକୁ ଯିବୁନାହିଁ। କିନ୍ତୁ ଦିନେ ସେ ଦକ୍ଷିଣ ଦିଗକୁ ଗଲା। ତାର ଗୀତଶୁଣି ତା ମାଆ ତାକୁ ଚିହ୍ନିପାରିଲା।



ନିଇଦଃ ଆଞ୍ଜିଆ ହନେଗେ ମେନତେ ବୁଗିଲେକା ଅଲା ସାଙାକିଏଃ, ସୁନୁମ୍ ନାକଇ କିଏଃ, ଏନାଏତେ ମାଣ୍ଡିଉତୁ ଏମାଡିଏଃ । ତାୟମଦଃ ମିଏଡ୍ କଚାରେ ଜାଟିତେଏ ହାଉର୍ ତପା ତାଡିଏଃ ।

ପୁଅକୁ ଗାଧୋଇଦେଲା, ତେଲଦେଇ ମୁଣ୍ଡ କୁଣ୍ଡାଇଦେଲା । ଭଲକରି ଖାଇବାକୁ ଦେଲା । ଘରର ଗୋଟିଏ କୋଣରେ ବସାଇଦେଇ ପଟିଆଦ୍ୱାରା ତାକୁ ଢାଙ୍କିଦେଲା ।




ଆୟୁବ୍ ସାନ୍ତେ ହନ୍‌କାଏଃ ରୁଓ୍ୱେତାନା । ଦିଦି ଉଲୁଃଉ ଜାନାଏଃ । ଗଟାଏ ନାମ୍‌କିଏଃ କାଏଃ ନାମ୍‌କିଏଃ । ତାୟମ୍‌ଦଃ ଏଙ୍ଗାତେ ମେନାଇ ଅଓ୍ୱା ଚିତାନ୍ ରେଗେଏ ଆପିର୍ ବିୟୁରଜାନା । ଅଓ୍ୱା ଚିତାନ୍ କଏଃ ରାପୁତ୍ ଚାବା କେଡା ଏନାଏତେ ହନ୍‌କେଏଃ ନାମ୍‌କିୟେ । ହନଦଃ କଚାରେ ଜାଟିତେକ ହାଭର ତପାତଡିଏ । ଚିମିତେ ଜବରଦସି ହନ୍‌କେ ଇଡିଇତେୟାଏ ନାମ୍‌ତାନା । ଏଙ୍ଗା ଆପୁକିନ୍ ରାଆଃ କେଡାଃ । ଆକିନ୍ ଦିଦି ଢାଆରେକିନ୍ ହାରିଗୁଆରିଜାନା । ଦିଦିକେ ମିଏଡ୍ ଉରିଇକିନ୍ ଏମାଡିଏଃ । ଦିଦି ଉରିଇ କେ ଇଡ୍‌କିଇତେଏ ସେନଅ ଜାନା । ଏନାମେନ୍ତେ ତିସିଙ୍ଗ ସାନ୍ତେ ଦିଦିକ ଉରିଉକ ଜମତାନା ।

ସନ୍ଧ୍ୟାହେଲା କିନ୍ତୁ ପିଲାଟି ଫେରିଲାନାହିଁ । ଶାଗୁଣାକୁ ଭାରିଚିନ୍ତା ଘାରିଲା । ଚାରି ଆଡକୁ ଖୋଜିଲା ପାଇଲା ନାହିଁ । ଶେଷରେ ତା ମାଆ ଥିବା ଘରକୁ ଗଲା । ଛପରଭାଙ୍ଗି ଦେଖିଲା- ପିଲାଟିକୁ ଘରର ଗୋଟଏ କୋଣରେ ପଟିଆଦ୍ୱାରା ଢଙ୍କାଯାଇଛି । ସେ ପିଲାଟିକୁ ନେବାକୁ ବାହାରିଲା । ବାପାମାଆ କାନ୍ଦିକାନ୍ଦି ତା ପାଖରେ ନେହୁରା ହେଲେ ତାକୁ କହିଲେ- ଆମେ ତତେ ଗୋଟିଏ ବଳଦଦେବୁ ତୁ ପିଲାକୁ ଆମ ପାଖରେ ଛାଡିଦେ । ଶାଗୁଣା ଶେଷରେ ରାଜିହେଲା । ସେଥିପାଇଁ ଆଜି ମଧ୍ୟ ଶାଗୁଣା ଗାଇ ଗୋରୁଙ୍କ ମାଂସ ଖାଉଛି ।






# ଚାଣ୍ଡୁ ଉ୍ କେଚାଆ ଜାନା
# ଜହ୍ନ ହେଲା ଖଣ୍ଡିଆ




ଏସୁ ଯୁଗ ସିଦେରୟାଃ କାଜି । ଇମିତେ ସିଙ୍ଗିଏ ହନକ୍ ଏସୁ ସାଙ୍ଗିକ ତାଇକେନା । ଚାଣ୍ଡୁଉଏଃ ହନକଅଃ ଏସୁ ସାଙ୍ଗିକ ତାଇକେନା । ସିଙ୍ଗି ଚିମିତେ ଆୟାଆ ହନକଲଅ ତୁରେନା ଗଟା ଦେଶୁମ୍ ଆକଆଃ ଜେଟେତେ ସେଙ୍ଗେଲ ଜୁଲଆଃ ତାଇକେନାଃ । ମେନଦଃ ନିଦେଟିମିତେ ଚାଣ୍ଡୁଉ ହନ୍‌କେ ଅଣ୍ଡଙ୍ଗା ଗଟା ଦେଶୁମ ବାହାଲେକାକ ମାସ୍‌କାଲ୍ ତାଆ । ଚୁଇଲେ ମୁସିଙ୍ଗଅ ସିଙ୍ଗି ହନ୍‌କଲଅ ଚାଣ୍ଡୁଉ ହନ୍‌କ ମିତ୍‌ରେ କାକ ଇନୁଙ୍ଗେ । ଏନାମେନ୍ତେ ଚାଣ୍ଡୁଉ ଏସୁପୁରେଏ ଉଲୁଃଉରେଏ ତାଇନେ । ମୁସିଙ୍ଗ ଚାଣ୍ଡୁଉ ଚିନାଆଏ ଚିକେତାଡା ବାନ୍ଦାରେୟାଃ ସାଲୁକେଡ୍ ଦାକା ମାଡ୍‌କାମ୍ ଲଅଃ ତିକିଡାଡା । ସିଙ୍ଗି ଜାପାଆ ସେନ୍ ଜାନ୍ତେଏ ଜମ୍‌ତାନା ।


ଅନେକ ଯୁଗ ପୂର୍ବର କଥା । ସେତେବେଳେ ସୂର୍ଯ୍ୟର ଅନେକ ସନ୍ତାନ ଥିଲେ । ଚନ୍ଦ୍ରର ମଧ୍ୟ ଅନେକ ସନ୍ତାନ ଥିଲେ ସୂର୍ଯ୍ୟ ଯେତେବେଳେ ତାର ସନ୍ତାନ ସହିତ ଉଦୟ ହୁଅନ୍ତି । ପ୍ରଚଣ୍ଡ ଖରାଯୋଗୁଁ ସ୍ଥାନେ ସ୍ଥାନେ ଅଗ୍ନି ପ୍ରଜଳିତ ହେଉଥିଲା । କିନ୍ତୁ ରାତ୍ରୀ ସମୟରେ ଯେତେବେଳେ ଚନ୍ଦ୍ର ସନ୍ତାନ ମାନଙ୍କ ସହିତ ଉଦୟ ହୁଅନ୍ତି । ଆକାଶ ଖୁବ୍ ସୁନ୍ଦର ଦେଖାଯାଏ । ସତେ ଯେମିତି ଆକାଶରେ ଧଳା ଫୁଲ ଫୁଟିଛି । ସୂର୍ଯ୍ୟର ସନ୍ତାନ ଓ ଚନ୍ଦ୍ରର ସନ୍ତାନ କଦାପି ଏକାଠି ମିଶି ଖେଳନ୍ତି ନାହିଁ । ତେଣୁ ଚନ୍ଦ୍ର ମନରେ ଅନେକ ଦୁଃଖ ।



ସିଙ୍ଗି କୁଲିକିଏଃ ଆତେ ଚାଣ୍ଡୁଉ ଚିନାଆ କାଲ୍‌ଗିରେ ସିପିଙ୍ଗ୍ କାତେମ୍ ଜମ୍‌ତାନା । ଚାଣ୍ଡୁଉ ମେତାଇ ତାନାଆଞ୍ଜାଆ ସାବିନ ହନ୍‌କଞ୍ଜ ମାଆଃଗଏଃ କେଡ୍‌କଆ । ଆକଆଃ ବଅ କଞ୍ଜ୍ ତିକି ତାଡା ଏନାକଞ୍ଜ୍ ଜମ୍ ତାନା । ସାରିଗେ ଆମାଆ ହନ୍‌କମ୍ ମାଆଃଗଏଃ କେତକତେ ବଅଃକମ୍ ତିକିତାଡ୍‌କଆ । ସିଙ୍ଗି ବାଜିକେଡାଃ । ଚାଣ୍ଡୁଉ ମେତାୟେ- ଏୟାଃ ସାରିଗେଦାଃ ନେଃ ଜମ୍ ଲେକାକମ୍ ଆଞ୍ଜାଆ ହନକଆଃ ବଅଃ ଚିମିନ୍ ନଗଡା । ସିଙ୍ଗି ଜମ୍ ଲେକାକ ତାନାଃ ଏସୁକ ନଗଡା । ଅଣ୍ଡଅଗେ ଆସି ଆସି ଜମ୍‌କେଡା ।


ଦିନେ ଚନ୍ଦ୍ର କଣ କରିଛି ନା କଇଁ ଫୁଲର ମୂଳ ଗୁଡିକ (କନ୍ଦା) ସଂଗ୍ରହ କରି ଗୋଟିଏ ହାଣ୍ଡିରେ ମହୁଲ ଫୁଲ ସହିତ ସିଝାଇ ରଖିଲା । ଗୋଟିଏ ପତ୍ର ଠୋଲାରେ ଧରି ସୂର୍ଯ୍ୟ ପାଖରେ ଖାଇବାରୁ ସୂର୍ଯ୍ୟ ପଚାରିଲା- ହେ ଚନ୍ଦ୍ର ହାତରେ କଣ ଧରି ଖାଉଛୁ । ଚନ୍ଦ୍ର କହିଲା- ମୋର ସବୁ ସନ୍ତାନ ମାନଙ୍କୁ ମୁଁ ହାଣି ଦେଇଛି, ତାଙ୍କ ମୁଣ୍ଡକୁ ସିଝାଇ ଖାଉଛି । ସୂର୍ଯ୍ୟ ପଚାରିଲା- ସତରେ ତୋର ସନ୍ତାନ ମାନଙ୍କୁ ହତ୍ୟାକରି ତାଙ୍କରି ମୁଣ୍ଡକୁ ଖାଉଛୁ ? ଚନ୍ଦ୍ର କହିଲା ଏହା ସତକଥା, ନେ ତୁ ନିଜେ ଖାଇକି ଜାଣିବୁ ସେମାନେ କେତେ ସ୍ୱାଦିଷ୍ଟ । ସୂର୍ଯ୍ୟ ଖାଇଲା, ତାକୁ ଖୁବ୍ ସ୍ୱଦିଷ୍ଟ ଲାଗିଲା । ତେଣୁ ପୁଣି ମାଗି ମାଗି ଖାଇଲା ।





ଗାପାତେର୍ ଅଆଃ ସେନଅ ଜାନ୍ତେ ସାବିନ ହନକ ମାଆ ଗଏଃ କେଡ୍‌କଆ । ମିଏତ୍ ମାରାଙ୍ଗ ଚାଟୁରେ ବଅଃ କଏ ତିକିତାଡା । ଚିମିତେକ ଇସିନ୍ ଜାନା । ଜମ ଲେକାକ ତାନାଏ ଜକାଅ କାକ ନଗଡା । ସିଙ୍ଗି ଆଦାକେଡାଏ ଚାଣ୍ଡୁଉ ଆଏଃ କେଏଃ ଚାକାଡ୍ ତାଡିଏ । କୁର୍‌କୁର ଜାନ୍ତେ ମିଏଡ୍ ମାରାଙ୍ଗ ତାଲୁଆର ସାବ୍‌କାତେ ଚାଣ୍ଡୁଉତାଆଏ ସେନଅଜାନା । ଇମିତେ ଚାଣ୍ଡୁଉଦଃ ହନକଲଅ ଇନୁଙ୍ଗତାନା । ମିସେ ମାଆଁରେଖେ ଚାଣ୍ଡୁଉ କେଏଃ କେଚାଆ ରେନାଃ କିଏଃ ସାବିନ ଚାଣ୍ଡୁଉ ହନକ ସିଙ୍ଗି ନେଲ୍ ଢେକ ଉକୁଜାନା ଏନାମେନ୍ତେ ତିସିଙ୍ଗ ସାନ୍ତେ ଚାଣ୍ଡୁଉଦଃ ମୁସିଙ୍ଗଗେଏ ପୁନାଇଁୟୁଆଃ । ସାବିଦିନ୍ କେଚାଆ ଗେଏ ତାଇନେ ଆୟାଆ ହନ୍‌କ (ଇପିଲ୍‌କ) ନାଆସାନ୍ତେ ସିଙ୍ଗିକ ନେଲିଇରେକ ଉକୁନେ ।

ପରବର୍ତ୍ତୀ ଦିନ ସୂର୍ଯ୍ୟ ତାର ସବୁ ପିଲାମାନଙ୍କୁ ହତ୍ୟାକଲା । ଗୋଟିଏ ବଡ ହଣ୍ଡାରେ ସେମାନଙ୍କର ମୁଣ୍ଡକୁ ସିଝାଇଲା । ଯେତେବେଳେ ସିଝିଗଲା ତାକୁ ଖାଇବାରୁ ଜାଣିଲା ଚନ୍ଦ୍ର ତାକୁ ପ୍ରତାରିତ କରିଛି । ସେ କ୍ରୋଧରେ ଜର୍ଜରିତ ହୋଇ ଗୋଟିଏ ଲମ୍ବା ଖଣ୍ଡା ଧରି ଚନ୍ଦ୍ରପାଖକୁ ଗଲା । ସେତେବେଳେ ଚନ୍ଦ୍ର ପୁତ୍ର ମାନଙ୍କ ସହିତ ଲୁଚକାଳି ଖେଳିବାରେ ବ୍ୟସ୍ତଥିଲା ଚନ୍ଦ୍ରକୁ ଗୋଟିଏ ଚୋଟରେ ଦୁଇଖଣ୍ଡ କରିଦେଲା । ସୂର୍ଯ୍ୟ ତାର ପୁତ୍ରମାନଙ୍କୁ ଖୋଜିଲା କିନ୍ତୁ ସେମାନଙ୍କୁ ପାଇଲା ନାହିଁ । ସେମାନେ କେଉଁଠି ଲୁଚିଗଲେ । ତେଣୁ ଆଜି ପର୍ଯ୍ୟନ୍ତ ଚନ୍ଦ୍ର ମାତ୍ର ଗୋଟିଏ ଦିନ ପୂର୍ଣ୍ଣ ରୂପ ଧାରଣ କରେ ବାକି ସବୁଦିନ ସେ ଖଣ୍ଡିଆ ହୋଇ ରହିଥାଏ । ତାର ସମସ୍ତ ସନ୍ତାନ ଗଣ ଆଜି ମଧ୍ୟ ସୂର୍ଯ୍ୟକୁ ଦେଖିଲେ ଲୁଚି ଯାଆନ୍ତି ।





# ଆଇ୍ ହାଗେୟା, ମିଏଡ୍ ମିଶିଏରା
# ସାତ ଭାଇ ଗୋଟିଏ ଭଉଣୀ





ମିଏଡ୍ ଅଓ୍ୱାରେ ଆଇ ହାଗେୟା ମିଏଡ୍ ମିଶିଏରାକ ତାଇକେନା । ବାରେକଦଃ ଜାଅଦିନ ବୁରୁ ସାଙ୍ଗାରକ ସେନଆଁ । ଜିଲୁକ ଆଗୁୟେ । ମିଶିଏରା ମାଣ୍ଡି ଉତୁ ଇସିନେୟା ସାବିନ ତେକ ଜମେୟା । ମୁସିଙ୍ଗ ମିଶିଏରଦଃ ଆଆଃଏ ଗେଡ୍ତାନ୍ର ତିଇରେଏଃଗେଡ୍ଜାନା । ମାୟମ ଦଃ ଆଆଃରେଗେଏ ମେଶାତାଡାଃ । ଚିମିତେ ବାରେତେ ତେକ ହୁବୁଉଲେନା, ମାଣ୍ଡି ଉତୁ ଏମାଡ୍କଆ । ମାରାଙ୍ଗା ଦାଦା କାଦିକେଡା-ଆତେମାଇ ତିସିଙ୍ଗଦଃ ଆଆଃଉତୁ ଚିକେତେ ଇମିନ୍ ନଗଡା । କାଏଃ କାଜିଇତାନ୍ତେ ସାବିନ୍ ବାରେକ ଗେଜେରାକ କୁଲିକିଏଃ । ଚାନାବତେଏଃ କାଜିଏଡ୍ କଓ୍ୱା । ଆତେ ଦାଦା ଆଆଃଞ୍ଜ ଗେଡ୍ତାନ୍ରେ ତିଇରେଞ୍ଜ୍ ଗେଡ୍ଜାନା ଗିନିଲ୍ ରେଞ୍ଜ୍ ଜଡେରେୟପେ ନେଲାମେୟା । ସାକାମ୍ ତେଞ୍ଜ୍ ଜଡେନ ରେୟପେ ନେଲାମେୟା । ଏନାମେନ୍ତେ ଆଆଃରେଞ୍ଜ୍ ଜରତାଡାଃ ।

ଗୋଟିଏ ଘରେ ସାତଭାଇ ଗୋଟିଏ ଭଉଣୀ ରହୁଥିଲେ । ଭାଇମାନେ ସବୁଦିନ ଜଙ୍ଗଲକୁ ଯାଇ ଶୀକାର କରନ୍ତି । ମାଂସ ଆଣନ୍ତି । ଭଉଣୀଟି ରାନ୍ଧିବାଢି ସେମାନଙ୍କୁ ଦିଏ । ଦିନେ ଭଉଣୀଟି ଶାଗ କାଟୁଥିଲା । ହାତଟି କଟିଗଲା । ରକ୍ତ ବୋହିବାରୁ ଶାଗରେ ମିଶାଇଦେଲା । ଯେତେବେଳେ ସାତଭାଇ ଆସିଲେ ସେମାନଙ୍କୁ ଶାଗଭାତ ପରଶିଲା । ବଡଭାଇ କହିଲା- ଭଉଣୀ ଶାଗ ଆଜି ସବୁଦିନଠାରୁ ବେଶୀ ସୁଆଦଲାଗୁଛି । କେମିତି ରାନ୍ଧିଛୁ ? ତାପରେ ସବୁଭାଇ ସେହିଏକା ପ୍ରଶ୍ନ କଲେ । ଭଉଣୀଟି ନ କହିବାରୁ ବାରମ୍ବାର ପଚାରିଲେ, ପରେ ଭଉଣୀଟି କହିଦେଲା ଭାଇମାନେ ଆଜି ଶାଗ କାଟିଲାବେଳେ ମୋର ହାତ କଟିଗଲା ରକ୍ତ ବାହାରିଲା ସେହି ରକ୍ତକୁ କାନ୍ଥରେ ବୋଳିଦେଲେ ତମେ ଦେଖିବ । ପତ୍ରରେ ଘସିଦେଲେ ବି ତମେ ଦେଖିବ, ତେଣୁ କାଟୁଥିବା ଶାଗରେ ହିଁ ମିଶାଇ ଦେଲି ।



ନିଦେଗିତିଏ କାନ୍ତେକ ଜାଗାରତାନା । ଆତେ ମିଶିଏରାଆଃ ମାୟମଦଃ ଇମିନ ନଗଡା । ଆଏଃଜମିଇରେଦଃ ଟିମିନେଏ ନଗଡା ତରଙ୍ଗ୍ । ଲିଟେଦଃ ଦୁଉମେକାନ୍ ଲେକା ସାବିନାଆଃ ଆୟୁମ୍ ଢାନା । ତାୟମଦଃ ବୁରୁବିତେର୍‌ରେ ଗାଙ୍ଗାଇକ ହେର୍ କେଡାଃ । ମାଚାକ ବାଇକେଡା । ଲିଟେ ହାପତେ ଆଜିତେକେଏ କାଜିଏଡିଏଃ- ତିସିଙ୍ଗ ଦଃ ଆମ୍ ଗାଙ୍ଗାଇହରକ କୁଲ୍‌ମେୟାଃ । ମାଚାଚିତାନରେମ୍ ତାଇନ୍ ଇମିତେକ ତୁଞ୍ଜ୍ ଗଏଃମେୟାଃ । ଏନା ଏତେକ ଜମ୍ ମେୟାଃ । ସାବିନ୍ ମାନ୍‌ଡିଉତୁଃ ଏମାଡ୍‌କଓ୍ୱା ଏନାଏତେ ଗାଙ୍ଗାଇ ହରଏ ସେନଅଜାନା ମାଚାରେଏ ଦୁବ୍‌ଜାନା । ଇମିତେ ମାରାଙ୍ଗ ବାରେତେ

ତୁଞ୍ଜଇତେୟା ନାମା । ମିଶିଏରା ଦୁରେଙ୍ଗେଆ-

ତୁଞ୍ଜିଞ୍ଜ୍ ମେ ଦାଦା ତୁଞ୍ଜିଞ୍ଜ୍ ମେ

ଲିପିର୍ କୁଏମ୍ ତାଲାରେମେ ତୁଞ୍ଜିଞ୍ଜ୍ ମେ ।



ରାତିରେ ସବୁଭାଇ ଶୋଇବାକୁ ଗଲେ । ସେମାନେ କଥା ହେଲେ । ଭଉଣୀର ରକ୍ତଯଦି ଏତେ ସୁଆଦ, ତାକୁ ଖାଇଲେ କେତେ ସୁଆଦଲାଗନ୍ତା । ଲିଟେ(ସାନଭାଇ) ସବୁ ଶୁଣୁଥାଏ । ଦୂର ପାହାଡ ଭିତରେ ଭାଇମାନେ ମକା ବୁଣିଲେ । ତାକୁ ଜଗିବା ପାଇଁ ଗୋଟି ମଞ୍ଚା ତିଆରି କଲେ । ଲିଟେ ଭଉଣୀକୁ କହିଲା, ଆଜି ତୋତେ ମକା ଜଗିବା ପାଇଁ ଜଙ୍ଗଲକୁ ପଠେଇବେ, ତୁ ମଞ୍ଚାରେ ଥିବା ସମୟରେ ତୀରମାରି ହତ୍ୟାକରି ତୋତେ ଖାଇବେ । ସେଦିନ ଭଉଣୀଟି ସବୁ ଜାଣି ମକା ଜଗିବା ପାଇଁ ଜଙ୍ଗଲକୁ ଯାଇ ମଞ୍ଚା ଉପରକୁ ଉଠିଲା । ଯେତେବେଳେ ବଡ଼ ଭାଇଟି ତୀର ମାରିବାକୁ ଉଦ୍ୟମ କରେ, ଭଉଣୀଟି ଦେଖିପାରି ଗୀତ ଗାଏଃ :-

"ତୀର ମାରିଦେ ଭାଇ
ତୀର ମାରିଦେ ।
ଢୁକୁଢୁକୁ ଛାତି ମଝିରେ
ତୀର ମାରିଦେ ।"


ମାରାଂ ବାରେତେ ତୁଞ୍ଜିୟେ, ମେନଦଃ କାଏଃ ଟଅୟେ। ମିଣ୍ଡଅ ମିଣ୍ଡଅତେ ସାବିନକ ତୁଞ୍ଜିଏଁ ମେନଦଃ କାକ ଟଅୟେଃ। ତାୟତେ ଲିଟେଏ ପାଲି। କାଏଃ ତୁଞ୍ଜ୍‌ତାନ୍‌ରେ ସାବିନ୍‌ତେକ ଏରାଙ୍ଗ୍‌କିଏଃ।ଏଟାଆପାଆ ହେତା କାଏତେଏଃ ତୁଞ୍ଜ୍‌କିଏଃ। ମିଶିଏରା ଟଅଦାନ୍ତେଏ ଗଏଃ ଜାନା। ମାରାଙ୍ଗ ବାରେକ ଗେଡ୍‌କିଏଃ। ଇସିନ୍ କିଏଃକ ଲିଟେ କାୟାଆ ଢାନ୍‌ତେ, ବିନେ ବାୟାର ତେ ସାଆନ୍ ଆଗୁକ କୁଲ୍‌କିଏଃ।

ବଡ ଭାଇଟି ତୀରମାରେ କିନ୍ତୁ ତାର ଲକ୍ଷଭ୍ରଷ୍ଟ ହୁଏ। ପୁଣି ଦ୍ୱିତୀୟ ଭାଇ ତୃତୀୟ ଭାଇ କ୍ରମରେ ସମସ୍ତେ ତୀର ମାରନ୍ତି। ଭଉଣୀଟି ଭାଇମାନଙ୍କ ଉଦ୍ଦେ୍ୟଶରେ ସେହିଏକା ଗୀତ ଗାଏ। କିନ୍ତୁ କାହରି ତୀର ଭଉଣୀକୁ ସ୍ୱର୍ଶ କଲାନାହିଁ। ଶେଷରେ ଲିଟେର ପାଳି। ସେ ମନା କରିବାରୁ ଭାଇମାନେ ଗାଳିଦେଲେ। ସେ ଅନ୍ୟ ଦିଗକୁ ମୁହଁ ବୁଲାଇ ଆଖି ବନ୍ଦକରି ତୀର ଉଠାଇଲା। ତୀରଟି ଯାଇ ଭଉଣୀର ଛାତିରେ ବିଦ୍ଧ ହୋଇଗଲା।



ଲିଟେ ରାଆଃ ଆୟୁମତେ, ମିଏଡ୍ ବିଙ୍ଗ ସାଆନ୍‌ରେ ପାଟୁଜାନ୍ତେ ଆଗୁଲେଡା । ବୁଉ ଚାଟୁତେ ଦାଆକ ଦିପିଲ୍ ଇଟିକିଏଃ ଲିଟେ ରାଆଃ ଆୟୁମତେ ମିଏଡ୍ ଚକେ ବୁଉଃରେଏ ଦୁବଜାନା ଦାଆଃ ଆଗୁଲେଡା । ଗାଳାଏତେ ମିଏଡ୍ ହାଇ ମିଏଡ୍ କାଟ୍‌କମ୍ ଆଗୁଲେଡ୍‌କିନେ । ମାରାଁଙ୍ଗ୍ ବାଉତେତେକ ଜିଲୁକ ଜମେ ରେଦଃ ଆଏଃ ହାଇଜମିୟେ ଆକ ଜାଂକ ଜମେରେଦଃ ଆଏ କାଟ୍‌କମେଏ ଜମିଏ ।

ଭଉଣୀଟି ଶେଷ ନିଶ୍ୱାସ ତ୍ୟାଗକଲା । ଭାଇମାନେ ଖୁସିରେ ଭଉଣୀର ମାଂସ କାଟିଲେ ଏବଂ ତାକୁ ରାନ୍ଧିଲେ । ଲିଟେ ସେମାନଙ୍କୁ ସାହାଯ୍ୟ ନ କରିବାରୁ ତାକୁ ବିନା ଦଉଡିରେ ବିଡାଏ କାଠ ଆଣିବାକୁ କହିଲେ । ଜଙ୍ଗଲରେ ଲିଟେର କାନ୍ଦ ଶୁଣି ଗୋଟଏ ସାପ ଆସି କାଠ ଚାରିପଟେ ଗୁଡେଇହେଲା ଲିଟେ ସହଜରେ କାଠ ବିଡା ଆଣିଲା । ଏହାପରେ ତାକୁ ବଡଛିଦ୍ରଥିବା ହାଣ୍ଡିଦେଇ ପାଣି ଆଣିବାକୁ କହିଲେ ।





ସାବନ୍ ଜିଲୁ ହାପାତେ ବୁନୁମରେଏ ହବ୍ତାଡାଃ । ଏସୁଦିନ୍ ତାୟମ୍ ମିଏଡ୍ ମାଡ୍ ଅମନ୍ଜାନା । ମାଡକ ମାଆଃକେଡ୍ ରେଦଃ ମିଶିଏରା ଅଣ୍ଡଙ୍ଗ୍ ଜାନା । ମିଶିଏରା ମାଡଦାଣ୍ଡାଆ ସାବ୍କାତେ ସାବିନ୍କଏଃ ତାମ୍ ନିର କେଡ୍କଆଃ । ଲିଟେ ଲଅଃ ଅଆଃତେକିନ୍ ରୁଓ୍ୱେଜାନା । ଚିମିନ୍ ଦିନ୍ ତାୟମ୍ ମିଏଡ୍ ରାଜାଲଅଃ ମିଶିଏରାଦଃ ଆଆନ୍ଦିଜାନା । ସୁକୁରେଏଃ ତାଇଜାନା ।



ନଈ କୂଳରେ ତାର କାନ୍ଦ ଶୁଣି ଗୋଟିଏ ବେଙ୍ଗ ଆସି ଛିଦ୍ରକୁ ବନ୍ଦ କଲା ସେ ସହଜରେ ପାଣି ଆଣି ପାରିଲା । ନଈରୁ ଗୋଟିଏ ମାଛ ଆଉ ଗୋଟିଏ କଙ୍କଡା ଆଣିଥାଏ । ବଡଭାଇମାନେ ମାଂସ ଖାଇଲେ ସେ ପୋଡା ମାଛ ଖାଏ । ସେମାନେ ହାଡ ଚୋବାଇଲେ ସେ ପୋଡା କଙ୍କଡା ଖାଏ । ସବୁହାଡ ମାଂସକୁ ଗୋଟିଏ ଉଇହୁଙ୍କା ଭିତରକୁ ପକାଇଦେଲା । କେହି ଜାଣୀପାରିଲେ ନାହିଁ ।

ବହୁଦିନ ପରେ ଉଇହୁଙ୍କାରୁ ଗୋଟିଏ ବାଉଁଶ ଗଛ ଉଠିଲା । ସେ ବାଉଁଶ କାଟି ଫାଳିବାରୁ ଭଉଣୀ ଆର୍ବିଭାବ ହେଲା । ଭଉଣୀଟି ଗୋଟିଏ ବାଉଁଶ ଛାଟ ଧରି ବଡଭାଇମାନଙ୍କୁ ମାରିମାରି ଘୋଉଡେଇଲା । ଲିଟେ ସଙ୍ଗରେ ଘରକୁ ଆସିଲେ । କିଛି ଦିନ ପରେ ଗୋଟିଏ ରଜା ସଙ୍ଗରେ ଭଉଣୀର ବାହାଘର ହେଲା ସେମାନେ ସୁଖରେ ଘର ସଂସାର କଲେ ।